# ରାଣ୍ଡୀପୁଅ ଅନନ୍ତା

ସୁବଳା ମହାକୁଡ଼ ଓରଫେ ସୁବଳ ସିଂହର ବାପ ଅମଳରୁ ଗୋଟିଏ ମଇଁଷି ପଲ ଥିଲା । ମହାକୁଡ଼ ହରିଶପୁର ବଣ ଭିତରେ ପଲାରେ ସବୁବେଳେ ଥାଏ । ଘରକୁ ଆସେ ନାହିଁ । ଶୀତ, ବର୍ଷା, ଖରା ସବୁ ତା' ପକ୍ଷରେ ସମାନ । ହେଲେ ବର୍ଷାଦିନଟା ବଡ଼ ଆନନ୍ଦର ଦିନ । ଚରା ଢେର୍ ମିଳେ, ମଇଁଷିଗୁଡ଼ାକ ବଡ଼ ଦୁଧିଆଳୀ ହୁଅନ୍ତି । ତାଳପତ୍ର ଟୋପରଟିଏ ମୁଣ୍ଡରେ ଦେଇ ଚିତେ ଉଞ୍ଚା ବାଉଁଶ ଠେଙ୍ଗାଟାଏ କାନ୍ଧରେ ପକାଇ ଦିନଯାକ ମଇଁଷିଙ୍କ ପଛେ ପଛେ ଧାଇଁଥାଏ । କାହିଁ ଆଣ୍ଠୁଏ, କାହିଁଅଣ୍ଟେ ପାଣି, ଦେହଯାକ କାଦୁଅ ଲଟପଟ, ଏଟା ତା'ର ଭାରି ଆନନ୍ଦ । ମହାକୁଡ଼ର ଆଉ ଦିନେ ଘର ଦରକାର ନାହିଁ । ରନ୍ଧାବଢ଼ା ଲାଗି ବର୍ଷା ଦିନେ ଗୋଟିଏ ପଲା ଦରକାର । କେତେଟା ଡାଳ ପୋତି ତାହା ଉପରେ ବିଡ଼ାକେତେ ବେଣାଘାସ ପକାଇ ଦେଇ ଗୋଟିଏ ପଲା ତିଆରି କରେ । ପଲାଟା ନିହାତି ନୁଆଁଣ । ବସି ବସି ଭିତରକୁ ଯାଏ । ବସି ବସି ଭାତ ରାନ୍ଧେ । ଠିଆହେଲେ ପଲା ମୁଣ୍ଡରେ ବାଜିବ । ପଲା ଚାରିପାଖ ବାଡ଼ ନାହିଁ; କାରଣ ରାତିରେ ପଲା ଭିତରେ ଶୋଇଥିଲେ ବାହାରୁ ଯଦି କେନ୍ଦୁଆ ଆସି ମଇଁଷି ବାଛୁରୀ ଘେନିଯାଏ, ଦିଶିବ ନାହିଁ । ରାତିରେ ପଲା ଭିତରେ ଡେମ୍ଫେ ଉଞ୍ଚା କଠୋଉ ଯୋଡ଼ାକ ମୁଣ୍ଡତଳେ ଦେଇ ଟୋପରଟାରେ ମୁହଁ ଢାଙ୍କିଦିଏ । ମୁହଁଟାରେ ପାଣି ନ ପଡ଼ିଲେ ହେଲା । ତା' ଚାରିପାଖେ ମଇଁଷି ପିଲାଗୁଡ଼ିଙ୍କୁ ଗୋଡ଼ରେ ଦଉଡ଼ି ଲଗାଇ ଖଟାଇ ପକାଏ । ବର୍ଷାହେଲେ ମଇଁଷିପିଲାର ମଇଳା ଓ ମୂତ ଧୋଇଆସି ପଲା ଭିତରେ ଲହଡ଼ି ଖେଳୁଥାଏ । ମହାକୁଡ଼ ତାହାରି ଉପରେ ଚେଙ୍ଗ ମାଛ ପରି ଲଟପଟ ହେଉଥାଏ । ମଇଁଷିଗୁଡ଼ାକ ବସା ଚାରିପାଖେ ବଣ ଆଡ଼କୁ ମୁହଁ କରି ଶୋଇଥାନ୍ତି । ରାତି ତିନିପହର ସରିକି ମଇଁଷିଗୁଡ଼ାକ ଉଠି ବଣକୁ ଚରିଯାନ୍ତି । ତେତେବେଳୁ ମହାକୁଡ଼ ଜାଗ୍ରତ ଥାଏ । ଠେଙ୍ଗାଟି ତା' ପାଖରେ ପଡ଼ିଥାଏ; କାରଣ ତେତିକିବେଳେ ନେକଡ଼ିଆ ଆସି ବାଛୁରୀଟା ଘେନି ପଳାଇ ପାରେ । ବଣ ଭିତରେ ମଇଁଷି ଗୋଟାଏ ନାକସିଟକା ଦେଲେ ବାଘ ଆସିଛି ବୋଲି ମହାକୁଡ଼ ଜାଣିପାରେ । ଆରେ ରେ-ରେ କୁହାଟଟା ମାରି ଦେଲେ ଯେଡ଼େ ବାଘ ହେଉ ଛାଡ଼ି ପଳାନ୍ତି । ବାଘଗୁଡ଼ାକ ମହାକୁଡ଼ ଡାକ ବାରିପାରନ୍ତି । ବଣରେ ଯିମିତି କୁକୁଡ଼ାଗୁଡ଼ାକ କୁକ୍କୁ-କୁ କରିବେ ମଇଁଷିପଲ ବସାକୁ ନେଉଟି ଆସନ୍ତି । ତେତିକିବେଳେ ମହାକୁଡ଼ ଦୁହାଁଳୀ ମଇଁଷିଗୁଡ଼ାଙ୍କୁ ଛନ୍ଦି ଦୁହିଁ ପକାଏ । ଦିନ ଘଡ଼ିକ ସରିକି ମହାକୁଡ଼ାଣୀ ଦେବକୀ କାଣ୍ଡିଆକୁଣ୍ଡା ମିଶା ସେରେ ଚାଉଳର ଗୋଟିଏ ପୋଡ଼ପିଠା, ପାଞ୍ଚସେର ଅକାଣ୍ଡିଆ ବରଗଡ଼ା ଚାଉଳ ଆଉ ଧୂଆଁପତ୍ର ବିଡ଼େ ଧରି ଗୋଠରେ ହାଜର । ମହାକୁଡ଼ର ତେତିକି ମାତ୍ର ଦୈନିକ ଖାଦ୍ୟ । ସକାଳୁ ପିଠାଟି ଖାଇଦେଇ ସେରେ ନିରୁତା ମଇଁଷି ଦୁଧ ପିଇଦିଏ । ଦିନ ଦୁଇ ପହର ସରିକି ଅଢ଼େଇସେର ଚାଉଳ ଟିକିଏ ଫୁଟାଫୁଟି କରିଦିଅନ୍ତି । ବଣରୁ ଯଦି କିଛି କାଙ୍କଡ଼, ଡଙ୍କ, ମଟକା, ଫୁଟଗୁଡ଼ୀ ମିଳିଥାଏ, ତାକୁ ସେଇ ଚାଉଳରେ ପକାଇ ଦେଇଥାଆନ୍ତି । ତରକାରି ପାଇଁ ଶୋଚନା ନ ଥାଏ । ବଖତରେ ଅଢେଇ ସେର ଚାଉଳ ଦୁଇସେର ନିରୁତା ମଇଁଷି ଦୁଧ ମୂଳ ଖାଦ୍ୟ । ବୋଇଲା ।

'ମଇଁଷି ମଣେ ନୁହା ଚଣାଖିଆ
ଘୁଷୁରି ମଣେ ଧାଇ ।'

ମହାକୁଡ଼ାଣୀ ଚାଉଳ ପିଠା ତେତିକ ଦେଇ ଘରର ଦୁଃଖସୁଖ, ଗାଁର ହାଲଚାଲ, ବନ୍ଧୁବାନ୍ଧବ ଖବରାଖବର କହି ନିତି ଦୁଧ କଳସୀଟି ମୁଣ୍ଡରେ ମୁଣ୍ଡେଇ ଘରକୁ ବାହୁଡ଼ିଆସେ । ଗ୍ରୀଷ୍ମକାଳରେ ମହାକୁଡ଼କୁ କିଛି ହରବରରେ ପଡ଼ିବାକୁ ହୁଏ । ବଣରେ ନାହିଁ ପାଣି, ଏଣେ ମଇଁଷିଗୁଡ଼ାକ ଦୁଇପହରଯାଏ ଜଳଜନ୍ତୁ ପରି କାଦୁଅ ପାଣିରେ ବୁଡ଼ିବେ, ନାକଟି ଖାଲି ଦିଶୁଥାଏ । କ'ଣ କରିବେ ? ବଣରୁ ବାହାରି ପାଟକୂଳରେ ଆସି ପଡ଼ନ୍ତି । ସେଠାରେ ପାଣି ଆଉ ଚରାର ଅଭାବ ଥାଏ ନାହିଁ । ମହାକୁଡ଼େ ବଡ଼ ଗୋଟାଏ ତାଳପତ୍ର ଛତା ପାଟକୂଳରେ ପୋତିଦେଇ ତାହାରି ଭିତରେ ରୋଷେଇବାସ କରନ୍ତି ଓ ରାତିରେ

କଠଉ ଯୋଡ଼ାକ ମୁଣ୍ଡରେ ଦେଇ ତେଲଗୁଣି ପୋକପରି ମୋଡ଼ିମାଡ଼ି ଶୁଅନ୍ତି । ଶୋଇବା ପାଖରେ ଦୁଇ ତିନି ଗାଦି ମଇଁଷି ଗୋବର ଘଷିରେ ଧୂଆଁ ଜଳୁଥାଏ । ତେବେ ସୁଦ୍ଧା ପାଟକୂଳରେ କାଳିଆ କାଳିଆ ଡେଙ୍ଗାଗୋଡ଼ିଆ ବଡ଼ ବଡ଼ଟା ମାନେ - ଏତେ ମଶା ଯେ ସମ୍ଭଳା ପଡ଼େ ନାହିଁ । ମହାକୁଡ଼ କ' ଣ କରିଥାନ୍ତି କି, ପାଟ ଭିତରୁ ହାଣ୍ଡିଏ ପଙ୍କ ଆଣି ଗୋଡ଼ ଆଙ୍ଗୁଠିଠାରୁ ଅଣ୍ଟାଯାଏ ଲେପିଦେଇ - 'ଯା ଗିହାଲୁ ଭାଇଏ ମଶା' କହି ଶୋଇପଡ଼େ । ପିଠି ହାତ ପୋଡ଼ି ଉଠିଲେ ଚାପଡ଼ା ଚାପଡ଼ାକେ ଦୁଇ ତିନି ପୁଞ୍ଜା ମଶା ଦଳି ହୋଇଯାଏ । ଟିକିଏ ନିଦ ଭାଙ୍ଗିଲେ, "ଆଲୋ ମାଳତୀ ! ଆଲୋ ଶୁକ୍ରୀ ! ଆଲୋ କାଳୀ !" କୁହାଟି ଦିଅନ୍ତି । ମଇଁଷିଗୁଡ଼ାକ ମାକୁଡ଼ କଥା ବୁଝନ୍ତି, ଦୂରରେ ଥିଲେ ପାଖକୁ ଆସନ୍ତି । ଓଲିଆ ମଇଁଷି ବେକରେ କାଠଘଣ୍ଟି ବନ୍ଧା ଥାଏ, ଫାଶ ଫନ୍ଦା ଡାଲୁଅ ବିଲରେ ପଡ଼ିଲେ ଧାଇଁଯାଇ ବାଡ଼େଇ ଆଣନ୍ତି ।

ବର୍ଷେ କ' ଣ ହେଲା କି ଅଚନାକ କାହୁଁ ଠାକୁରାଣୀ ଆସି ପଲରେ ପଶିଗଲା । ଦିନ ଆଠଟା ଭିତରେ ଅଢ଼େଇ ବୋଡ଼ିଆ ପଲଟା ଏକାବେଳକେ ପଟାରୁଟ୍ । ମହାକୁଡ଼ଙ୍କର ତ ଅଣ୍ଟା ବସିଗଲାଣି । ଗାଲରେ ହାତ ଦେଇ ବସିଥାଆନ୍ତି । ମହାକୁଡ଼ାଣୀ ଆସି କହିଲେ, "କିରେ ମହାକୁଡ଼ ! ତୁ ଇମିତି ବସି ଭାବୁଛୁ କ୍ୟାଁ ? ଅଣ୍ଟା ବସିଗଲାଣି, ଓହୋ ! ଏ ଲାଗି ଗୋଟାଏ ଭାବନା ? ଯା ହବାର ହେଲା । ଆରେ ମୋ ଭାଇ ଗୋଠରୁ ବୃନ୍ଦା ବାରିକ ଗୋଠରୁ ଦୁଧ କାଟ ଆଣି ଲଗାଇ ଦେବି ବେପାର । ବର୍ଷ ଦି' ଟା ଭିତରେ ଯେ ପଲକୁ ସେ ପଲ ଗୋଟି ଗୋଟି ଗଣି ନେ ।"

ମହାକୁଡ଼ କ' ଣ କଲେ କି ଠାକୁରାଣୀ ଦାଡ଼ବାହୁଡ଼ା ପିଲାପିଚିକା ଯେ ଦୁଇ ଚାରିଖଣ୍ଡ ଲାଙ୍ଗୁଡ଼ ଥିଲା, ବିକିବାକି ପକାଇ ଜମିଦାରର ଚାରି ପଲରେ ଶେଠ ହେଲେ । ଏଡ଼େବଡ଼ ଚାକିରି ହେବାରୁ ମହାକୁଡ଼ାଣୀ ତ ବଡ଼ ଖୁସି । ଗାଁରେ ତାକୁ କେହି ଶେଠାଣୀ ନ କହିଲେ ଭାରି କଳି କରେ, ମାଇକିନିଆ ହେଉ ମିଣିପ ହେଉ ବାଡ଼େଇବାକୁ ଧାଏଁ ।

ଶୀତଦିନିଆ । ପୁଲିସ ସାହେବ ମକ୍ରାମପୁର ଫାଣ୍ଡି ତଦାରକ କରିବାକୁ ଯାଇଥିଲେ । ଫାଣ୍ଡି ପାଖ ତୋଟାରେ ଡେରା ପଡ଼ିଥାଏ । ଡେରା ପାଖକୁ ଅଧକ୍ରୋଶ ଦୂରରେ ପାଟ । ସରାଳି, କାଜ, ମାଣିକଯୋଡ଼, ଜଳଫିମ୍ପି, ପାଣିହଂସ, ଚକୁଆ, ଦା-ବେକିଆ, ବଗ ଚଢ଼େଇ ଭର୍ତ୍ତି । ସାହେବଙ୍କ ନଜର ଯିମିତି ପଡ଼ିଗଲା, ବନ୍ଧୁକ କାନ୍ଧରେ ପକାଇ ଶିକାରକୁ ବାହାରିଲେ । ପଛରେ ଚାରିଜଣ କନେଷ୍ଟବଳ, ଆଠ ଦଶଜଣ ଚୌକିଦାର ମୁଣ୍ଡରେ ଲାଲ, କଳା, ହଳଦିଆ ଛିଣ୍ଡା ପାଗ ଖଣ୍ଡେ ଖଣ୍ଡେ ଗୁଡ଼ାଇ ଚିଡେ ଚିଡେ ବାଉଁଶ ଢେଙ୍କ କାନ୍ଧରେ ପକାଇ ଧାଇଁଛନ୍ତି । ସାହେବ ପାଟକୂଳରେ ପହୁଞ୍ଚି ଯିମିତି ବନ୍ଧୁକଟା ଦୁମ୍ କରି ଆୱାଜ କଲେ ହଜାର ହଜାର ଚଢ଼େଇ ତ କେଁକଟର କରି ଆକାଶରେ ଉଡ଼ି ଚକର ଦେଇ ଘୂରିଲେ । ବୋଧହୁଏ ସେମାନେ ତଳକୁ ଅନାଇ ବିଚାର କରୁଥିବେ "କାଳେ ଦେଖା ନାହିଁ ଶୁଣା ନାହିଁ, ଆଜି ଏଟା କଣ ? ଏଟା ତ ଧଳା ମଣିଷ ପରି ଦିଶୁଛି, ଏଟା କ' ଣ ? ସେମାନେ ଆପଣା ଆପଣା ଭିତରେ ଯେଉଁ କଥାଭାଷା ହେଉଥିଲେ ସେଇଟାକୁ କହୁଛୁ "କେଁ କଟର ।"

ଯୋଡ଼ାଏ କାଜ ଦେହରେ ଛିଟା ବାଜି ଡେଣା ଓ ଗୋଡ଼ ଭାଙ୍ଗିଗଲା । ହେଲେ କ' ଣ ହେଲା ଠା ନ ପଡ଼ି ଖଣ୍ଡିଉଡ଼ାଦେଇ ଯାଇ ପାଟ ମଝିରେ ପଡ଼ିଲା । ଯାଉଛି କିଏ, ସାହେବ ତ ସମସ୍ତଙ୍କ ମୁହଁକୁ ଅନାଉଛନ୍ତି । ଜଣାଅଛି ପାଟମଝିଟା ତାଳେ ଗହୀର । ମଣିଷଖିଆ କୁମ୍ଭୀର ଯୋଡ଼ାଏ ଥିବାର ବି ଶୁଣା-ଅଛି । କନେଷ୍ଟବଳମାନଙ୍କର ତ ଡ୍ରେସ ଭିଜିଯିବ । ଚଉକିଆଗୁଡାକ ତ ଗାଉଁଲିଆ, ପହଁରି ଜାଣନ୍ତି ନାହିଁ । ଅସଲ କଥା, କାହାରି ମନକୁ ଭରସା ଖଟୁ ନାହିଁ ଯେ ଯିବ । ସାହେବ ନୋହିଲେ ଜରିମାନା କରିବ, ନୁହେଁ ଚାକିରି ଛଡ଼ାଇ ଦେବ, ଜାଣିଶୁଣି ଗୋମୁହାଁ କୁମ୍ଭୀର ମୁହଁକୁ କି ଯିବା ? ସେତିକିବେଳେ କ' ଣ ହେଲା କି ଆମ୍ଭମାନଙ୍କ ଶେଠେ ପଲ ତନଖି କରିବାକୁ ଯାଇ ସେଠି ପାରିଧି ଦେଖୁଥିଲେ । କୁହା ନାହିଁ ବୋଲା ନାହିଁ, କ' ଣ ମନକୁ ଆସିଲା ହୁଡ଼ ହୁଡ଼ କରି ପାଣିରେ ପଶିଗଲେ । ଦଣ୍ଡକ ଭିତରେ କାଜ ଦୁଇଟାକୁ ଆଣି ସାଇବ ଆଗରେ ଥୋଇଦେଲେ । ସାଇବ ତ ମହାଖୁସି । ଗୋଡ଼ରୁ ମୁଣ୍ଡଯାଏ ତିନିଥର ଅନାଇଲେ, ପଞ୍ଚହତା ମର୍ଦ - ବାହୁ ଯୋଡ଼ାକ ଗୋଲ ଗୋଲ, ମୋଟା ମୋଟା ଦୁଇ ହାତର ରେକା ପାଇବ ନାହିଁ, ମୁଠୁଣିଏ ଚଉଡ଼ା ଛାତି, ଚକା ମୁହଁ, ଚଉଡ଼ା ନାକ,

ଜଙ୍ଘଗୁଡ଼ାକ ସଳଖ ମୋଟା ଶାଳଗଜା ପରି । ସାଇବ ଭାରି ଖୁସି ହୋଇ ପଚାରିଲେ, "ତୁମ୍ କୋନ ହେୟ ?" "ମଣିମା, ମୁଁ ଜମିଦାର ପଲର ସୁବଳ ଶେଠ ।" ସାହେବ - "ତୁମ୍ କନେଷ୍ଟବଳ ନୌକରି କରେଗା ?" ଶେଠିଏ ଟିକିଏ ଗୁମ୍‌ମାରି ରହିଲେ । ଦଣ୍ଡକ ବାଦ କହିଲେ, "ମୁଁ ଘରଆଡ଼େ ନ ବୁଝି କହିପାରୁ ନାହିଁ ।" ସାହେବ ବୁଝିପାରିଲେ ନାହିଁ । ଜମାଦାର ମୁହଁକୁ ଚାହିଁଲେ, ଜମାଦାର ଇଂରେଜୀ ପଢୁଆ ବୋଲି ଚୌକିଦାରମାନଙ୍କୁ ଜଣା । ଆମ୍ଭେମାନେ ଜାଣୁ ସେ ଫାଷ୍ଟବୁକ୍ ଖଣ୍ଡକ ବିଲ୍‌କୁଲ୍ ପଢ଼ିଥିଲେ, ଆଉ କାଗଜରେ ଇଂରେଜୀରେ ଦସ୍ତଖତ କରନ୍ତି । ସେ ମହାକୁଡ଼ କଥା ଇଂରେଜୀରେ ସାହେବକୁ ବୁଝାଇ- ଦେଲେ । "Sir, this guala Mahakur said he ask his wife. If he tell, he will constable." ସାହେବ ମନ ମଧ୍ୟରେ ଟିକିଏ ହସିଲେ । ଅସଲ କଥାଟା ବୁଝିବାକୁ ଦି' ମିନିଟ୍ ଡେରି ହେଲା । ପକେଟରୁ ନୋଟବୁକ୍ ବାହାର କରି ଲେଖିଲେ, "Subal Singh is fit to be a constable. He seems to be a clever man. He is stout and strong and knows how to respect to the fair sex. " ହୁକୁମ ଦେଲେ, 'ତୁମ୍ କାଲ୍ ଫଜର୍ ଡେରାକା ପାସ୍ ହାଜର ହୋ ।"

ସୁବଳ ସିଂହ ସାହେବଙ୍କ ଅର୍ଦ୍ଦଳି । ସାହେବ ତ ଭାରି ଶିକାରପ୍ରିୟ । ଶିକାର ସରଞ୍ଜାମ ତାହା ଜିମା ଥାଏ । ସୁବଳ ସିଂହ ନ ଥିଲେ ସାହେବ ଶିକାରକୁ ବାହାରି ପାରନ୍ତି ନାହିଁ । ସୁବଳ ଉପରେ ସାଇବଙ୍କ ଅନୁଗ୍ରହ ଦେଖି ଭଲ ଭଲ ଲୋକମାନେ ତାହାର ଅନୁସରଣ କରିଥାନ୍ତି । ସେଥିରେ ତାହାର ଦର୍ମା ମାସିକ ୯ ଟଙ୍କା ଛଡ଼ା ଉପୁରି ଦି' ଚାରିପଇସା ବେଶ୍ ରୋଜଗାର ହୁଏ । ହେଲେ ସବୁ ଦେବକୀ ହିସାବ କରିନିଏ । କେବେ କାଳେ ସିଂହର ଟଙ୍କେ ମଷେ ବେଜାୟ ଖରଚ ଧରାପଡ଼ିଲେ ଦେବକୀ ଖପା ହୋଇ ଗାଳିଦିଏ- "କାଠଖିଆ, ତୁ ତ ଟଙ୍କା ଏଇରକମ ଉଡ଼େଇବୁ, ପରଘର ଗୋଲାମି କରୁଛୁ କାଁା ?" ଆଉ ଗୋଟିଏ କଥା, ମା' କୁଡ଼ ସିଙ୍ଗ ହେଲାରୁ ଦେବକୀ ନାମ ହେଲା 'ସିଙ୍ଗାଣୀ' ସେ ଆପେ ଗାଁଯାକ ଏହି ନାମ କହି ଆସିଲା । ସିଂହଙ୍କର ଦୁଇ ତିନି ବରଷ ଚାକିରି ବାଦେ ଥରେ ପୁଲିସ ସାହେବ, ମେଜେଷ୍ଟର ସାହେବ ମିଶି ଡୋମପଡ଼ା ବଣକୁ ଶିକାର କରି ଯାଇଥିଲେ । ମେଜେଷ୍ଟର ସାହେବ ଗୋଟେ କେନ୍ଦୁଆକୁ ଯିମିତି ଗୁଳି କରିଛନ୍ତି, ହେଲା ଅଣ୍ଟାଗୁଳି, କେନ୍ଦୁଆଟା ଗୋଟିଏ ଝୁମ୍ପଡ଼ିଲଟା ଭିତରେ ପଶି ଗର୍ଜନ କରୁଥାଏ । ସାଇବ ସଙ୍ଗରେ ଶ' କଡ଼ା ବେଠିଆ, ଯୋଡ଼ାଏ ହାତୀ, ଘାଉଲା କେନ୍ଦୁଆ ପାଖକୁ ଯାଉଛି କିଏ ? ଘାଉଲା ବାଘ, ଧଇଲା ଯମ ଏକା କଥା । ପୁଲିସ ସାହେବ ସୁବଳ ସିଂହ ମୁହଁକୁ ଚାହିଁଲେ । ସିଂହେ ଉଁ କି ଚୁଁ ନ କରି ପଶିଲେ ବଣରେ । ସିଂହେ ସେଇ ମଇଁଷିମୁଣା ଠେଙ୍ଗା ଆଜିଯାଏ ଛାଡ଼ିନାହାନ୍ତି । ବାଘ ମୁଣ୍ଡରେ ଚାରିପାହାର କଷି ଦେଇ ଲାଞ୍ଜ ଧରି ଭିଡ଼ି ଭିଡ଼ି ଆଣି ମେଜେଷ୍ଟର ସାହେବଙ୍କ ଆଗରେ ଥୋଇଦେଲେ । ସାଙ୍ଗେ ସାଙ୍ଗେ ନଗଦ ୨୦ ଟଙ୍କା ବକ୍‌ସିସ୍, ଆଉ ୧୫ ଟଙ୍କା ଦର୍ମା ଜମାଦାରୀ । ଏତେ ହେଲା ହଁ, ହେଲେ ସିଂହଙ୍କୁ କାଳ ସହିଲା ନାହିଁ । କାର୍ତ୍ତିକ ମାସିଆ ଛୁଟି ନେଇ ଘରକୁ ଆସିଛନ୍ତି, କାହୁଁ ଗୋଟାଏ କାଳ-ଜର ଆସି ମାଡ଼ି ବସିଲା । ଜର ସାଙ୍ଗେ ସାଙ୍ଗେ ସନ୍ନିପାତ । ଦିନ ତିନିଟାରେ ଶେଷ ।

ଏଣେ ସିଂହାଣୀର ଦେହରେ ଯେମିତିକା ବଳ, ମନରେ ବି ସେହିପରି ସାହାସ; ଘୋର ବିପଦରେ ପଡ଼ି ହଟିବାର ନୁହନ୍ତି । ସ୍ୱାମୀର ଶୁଦ୍ଧିକାର୍ଯ୍ୟ ସାରି ଆପଣା ବେଉସାରେ ଲାଗିଗଲେ । ସିଂହେ ସିଂହାଣୀ ରୂପରେ ଗୁଣରେ ସମାନ । ବିଧାତା ଯେମନ୍ତ ଗୋଟିଏ ଚକରେ ଦୁଇଜଣଙ୍କୁ ଗଢ଼ିଛନ୍ତି, ତେବେ ସିଂହାଣୀ ଉଚ୍ଚାରେ ଅଧଚୌକେ ବେଶି ହେବେ । ନାହି ତଳକୁ ଲୁଗା ପିନ୍ଧିଥିଲେ ପେଟଟି ଛ' ନଉତିଆ ଧାନ ଉଷୁଁଆ କଳାହାଣ୍ଡିପରି ବାହାରି ପଡ଼ିଥାଏ । ସିଂହାଣୀ ଅଳଙ୍କାରକୁ ବୋଧହୁଏ ବଡ଼ ଭଲ ପା' ନ୍ତି । ପ୍ରଥମେ ବିଧବା ଦିନ ଦେହରୁ ସବୁ ଅଳଙ୍କାର କାଢ଼ି ପକାଇଥିଲେ । ଶୁଦ୍ଧ ବାସିଦିନ ଫେର୍ ହାତଗଣ୍ଠିଠାରୁ କହୁଣିଯାଏ ଦଶବିଶାର ପିତ୍ତଳ ବାହିବଳା ଦୁଇ ହାତରେ ଲଗାଇଦେଲେ । ନାକରେ ତୋଳାଏ ଓଜନର ସୁନାଗୁଣା ଚେପ୍‌ଟା ବିଶାଳ ନାକକୁ କାମୁଡ଼ି ଧରିଥାଏ । ବେକରେ ଦଶ ଦଶ ଗଣ୍ଡା ଗୋଡ଼ଲଗା ଟଙ୍କାମାଳ ନାହିଯାଏ ଲମ୍ବି ପଡ଼ିଥାଏ । ଦୁଇ ହାତରେ ଦି' ପୁଞ୍ଜା ଗେଣ୍ଡା ପରି ଛାପ ମୁଦି । ସିଂହାଣୀଙ୍କ ସାହସ ଊଣା ନୁହେଁ । ଗାଁ ମୁଣ୍ଡ ନିଛାଟିଆରେ ଘର, ଛୁଆଟାକୁ ଧରି

ଏକୁଟିଆ ପଡ଼ିଥାଏ । ସିଂହାଣୀ ହାତରେ ଢେର୍ ଟଙ୍କା – ଏକଥା ଗାଁ ଲୋକେ ଜାଣନ୍ତି । ଚୋରଗୁଡ଼ାକ ସନ୍ଧାନ ପାଇ ଦିନେ ଅନ୍ଧାର ରାତିଆ ସିନ୍ଧିକରି ତିନିଜଣ ଚୋର ଘର ଭିତରେ ପଶିଲେ; ସିଂହାଣୀ ଶୋଇଥିଲା, ତାକୁ ଯିମିତି ମାଡ଼ି ବସିଛନ୍ତି ସେ ତ ହାଉଳି ଖାଇ ହାତ ଯୋଡ଼ାକ ଛିଞ୍ଚାଡି ଦେଲା । ଚୋରଗୁଡ଼ାକ ଚାରି ଚାରି ହାତ ଦୂରରେ ପଡ଼ିଗଲେ । ଯୋଡ଼ାଏ ଚୋର ତ ପଳାଇଲେ; ଗୋଟାକୁ ମାଡ଼ି ବସିଲା, ଗାଈପଘାରେ ଘର ମଝି ଖମ୍ବରେ ଭିଡ଼ି ବାନ୍ଧିଦେଲା । ସକାଳକୁ ଗାଁ ଲୋକେ ଦେଖି ଧାଇଁଲେ, ଏ ଚୋରଟା କିଏ ମ ? ମଲା ମଲା । ଏ ତ ଗାଁ ଚଉକିଆ ବାଉରି ଝପଟ ସିଂହ । ସମସ୍ତେ ପରାମର୍ଶ କଲେ ଚୋରକୁ ଚଲାଣ ଦେବେ । ସିଂହାଣୀ କହିଲା, "ଆଚ୍ଛା, ମୁଁ ଚଲାଣ ଦେବି ।" ଦୁଇ ଗାଲରେ କଷି ଲଗାଇଲା ଦୁଇ ଚାପୁଡ଼ା । ଉଆଉଫଡ଼ା ପରି ଗାଲ ଫୁଲିଗଲା । ଚଉକିଆ ପୁଅ ପନ୍ଦର ଦିନ ଘରୁ ବାହାରି ନାହିଁ, ବିଛଣାରେ ପଡ଼ିଥିଲା । ସିଂହେ ବିଯୋଗ ବେଳକୁ ପୁଅ ଅନନ୍ତର ହେଇଥିଲା ଚାରିବରଷ । ବୟସ ଟଳାବେଳେ ପୁଅଟିଏ ହେବାରୁ କୋଟିନିଧି ପାଇଥିଲେ । ପୁଅଟିର ଆକାର ବାପମା' ପରି, ସେହିପରି ଦେହର ବର୍ଣ୍ଣ । ସିଂହାଣୀ ସଞ୍ଜବେଳେ କାମ ପାଇଟି ସାରି ପୁଅଟିକୁ ଘଡ଼ିଏ କୋଡ଼ରେ ବସାଇ ଗେଲ କରନ୍ତି, ଗେଲ କଲାବେଳେ ଗୀତ ଗାଉଥାନ୍ତି –

'ହାତୀ ଝୁଲୁଥାଏ ଲସର ପସର କିଆକନ୍ଦା ଖାଇବାକୁ,
ଅନନ୍ତ ଝୁଲୁଛି ଲସରପସର ମାଆ ଦୁଧ ଖାଇବାକୁ ।
ଆକାଶେ ବୁଲୁଛି ଚନ୍ଦ୍ର ଉଦିଆରେ ସାଙ୍ଗରେ ବହୁତ ତରା,
ଅନନ୍ତ ଝୁଲୁଛି ମାଆକୋଳେ ବସି ଦୁଧ ସେ ଖାଇବ ପରା ।
ବାପା ତ ଯାଇଛି ମଇଁଷି ଗୋଠକୁ ମାଆ ତ ଦୁହିଁବ ଗାଈ,
ରାଜାଙ୍କ ଦୁଆରେ ପାଟହାତୀ ବନ୍ଧା ଅନନ୍ତ ଚଢ଼ିବ ଯାଇ ।'

ଏହିପରି ଗେଲ କରି ପୁଅକୁ ବସି ଝୁଲାଉଥାନ୍ତି । ହାତୁଣୀ କୋଳରେ ହାତୀ ପିଲାପରି ପିଲାଟି ଝୁଲିଲେ ବଡ଼ ମାନେ । ରୋଜି ବଡ଼ି ସଖାଳୁ ଉଠି ପୁଅକୁ ତେଲ ହଳଦୀ ଟିକିଏ ମାଖି ଦେଇ କାଠ ପାନିଆରେ ମୁଣ୍ଡ କୁଣ୍ଡାଇ ମୁଣ୍ଡରେ ଗୋଟିଏ ସାନ ଜଟ ବାନ୍ଧିଦିଏ । ଘଡ଼ିଏଯାଏ ପୁଅ ମୁହଁକୁ ଚାହେଁ – ତା ବାଦ୍ ଆପେ ଜିଭ କାମୁଡ଼ି ପକାଇ କୁହେ, "ମା' ଡାହାଣୀ । ସୁନ୍ଦର ପୁଅଟିକୁ ମୁଁ ଚାହିଁଛି ।" ତାହା ବାଦେ ତୁଳସୀମୂଳରୁ ଟିକିଏ ମାଟି ଆଣି ମୁଣ୍ଡରେ ଚିତା କରିଦିଏ । ଜଟ ଉପରେ ଟିକିଏ ଗୋବର ଲଗାଇଦିଏ । ତାହା ବାଦେ ପୁଅ ଉପରକୁ ଟିକିଏ ଛେପ ପକାଇ ଦିଏ । ଗାଁରେ କେତେରକମ ମାଇକିନିଆ ଅଛନ୍ତି, କାହା ନଜର କେମିତି । ପୁଅକୁ ହାୟରା କରିଦେବେ । ଏହିଲାଗି ପୁଅ ବେକରେ ଖଣ୍ଡଏ ଘୁଷୁରି ଥୋମଣି, ଗୋଟାଏ ତମ୍ବା ଡେଉଁରିଆ ଭିତରେ ମହାଦେବ ବେଲପତ୍ରୀ, ଦି' କଡ଼ା କାଣିକଉଡ଼ି, ଚାରିଟା ରୁପାଡେଉଁରିଆ ମୂଳମୂଟିକା ହାର କରି ପୁଅ ବେକରେ ଲଗାଇ ଦେଇଛି! ବାରଲୋକର ନଜର କଟିଯିବ ବୋଲି ଆପଣା ଗୋଡ଼ରୁ ଟିକିଏ ଧୂଳି ନେଇ ପୁଅ ମୁଣ୍ଡରେ ଲଗାଇ ଦିଏ । ରାତିରେ ସେରେ ଚାଉଳରେ ଗୋଟିଏ ପୋଡ଼ାପିଠା କରି ରଖିଥାଏ, ସେ' ଟି ପୁଅ ହାତରେ ଦେଇ ଦହି ମୁହାଁଇ ବସେ । ତାହା ବାଦେ ପସରା ଉପରେ ଦୁଇ ତିନିଟା କଳସୀରେ ଚହ୍ଲା ପୂରାଇ ଗାଁକୁ ଦହି ବିକିଯାଏ । ମୁଣ୍ଡ ଉପରେ ପସରାରେ ଦୁଇ ତିନି କଳସ ଦହି, ତାକୁ ନ ଧରି ଦୁଇବାହୁ ଝୁଲାଇ ଗୋହିରି ଦାଣ୍ଡରେ ଚାଲିଯିବାବେଳେ ଲୋକମାନେ ଚାହିଁ ରହନ୍ତି । କୁହନ୍ତି 'ନନ୍ଦିଘୋଷ ରଥ' ! ସିଂହାଣୀର ଢେର୍‌ଗୁଡ଼ିଏ ନାମ – ଏକ – ଦେବକୀ ଗଉଡୁଣୀ, ଦୁଇ – ମହାକୁଡ଼ଣୀ, ତିନି – ତାଡ଼କା ଅସୁରୀ, ଚାରି – ନନ୍ଦିଘୋଷ ରଥ, ହେଲେ ସିଂହାଣୀର ଅଜଣାରେ ଲୋକମାନେ ଏହିସବୁ ନାମ ଦେଇଛନ୍ତି । ସିଂହାଣୀ ବୋଲି ଡାକିଲେ ସେ ବଡ଼ ଖୁସି ହୋଇଯାଏ । ଗାଁରେ କେତେଗୁଡ଼ିଏ ଥଟିଆଲା ମଣିଷ ତୁଚ୍ଛାଟାରେ 'ଏ ସିଂହାଣୀ ! ଦହି ଦେଇ ଯା' ବୋଲି ଡାକନ୍ତି । ଦହି କିଣିବାବେଳେ ତାକୁ ଦୁଇ ଚାରିଥର ସିଂହାଣୀ ସିଂହାଣୀ କହିଲେ, ସେ ବଡ଼ ଖୁସି ହୋଇ ଦୁଇ ଚାରି ସଢ଼େଇ ଦହି ଲାଭ ବୋଲି ଢାଳିଦିଏ ।

ସୁବଳ ସିଂହ ବିଯୋଗବେଳେ ଅନନ୍ତାର ଚାରିବରଷ ପୂରି ଯାଇଥିଲା । ଦିନ କିଛି କାହାରିଲାଗି ବସି ରହେ ନାହିଁ । ଅନନ୍ତାର ଚାହୁଁଚାହୁଁ ହେଲାଣି ଦଶବରଷ । ହେଲେ କଣ ହେଲା, ଲୋକେ ତାକୁ କୋଡ଼ିଏ ବରଷ ଭେଣ୍ଡିଆ ବୋଲି ଠଉରିବେ । ରୋଜି ସିଂହାଣୀ ଦହି ବିକି ଆସି ମୋଟା ବରଗଡ଼ା ଚାଉଳ ପାଞ୍ଚସେର ଚୁଲିରେ ବସାଇଦିଏ । ସୁବଳ ସିଂହର ଯେଉଁ ଫରମାସୀ ପିତ୍ତଳ ବାସନଟା ଥିଲା, ସେଥିରେ ତିନିସେର ଅନ୍ଦାଜ ଦରଫୁଟା ପେଜୁଆ ଅନ୍ନ ସେ ପିତ୍ତଳରେ ଢାଳି ପୁଅ ପାଖରେ ପରଷି ଦିଏ । ଅନନ୍ତାର ତରକାରି ପତ୍ର ଲୋଡ଼ା ନାହିଁ, ହେଲେ ମା' ମନ କେତେକେ ମାନେ । ଚୋପାମିଶା ବିରିଡାଲି କଂସାଏ, ନୋହିଲେ ଶାଗ ମାମଡ଼ି ସିଜାସିଜି କରି ପୁଅ ପାଖରେ କଂସାଏ ବସାଇ ଦିଏ । ଅନନ୍ତା ଭାତ ଖାଇସାରି ଡାଲି ତେତକ ପିଇଦିଏ । ସିଂହାଣୀ ପୁଅ ଲାଗି ଗୋଟିଏ ଗାଈ ବାନ୍ଧିଛି । ଦିନକୁ ଚାରି-ସେର ଦୁଧ ଦିଏ । ଅନନ୍ତା ଭାତ ଖାଇସାରି ସେ କଞ୍ଚା ଦୁଧତକ ପିଇଦିଏ । ଏବେ ସିଂହାଣୀ କିଛି ପୁଅଲାଗି ହରବରରେ ପଡ଼ିଲେଣି । ଅସହୁଣୀ ଲୋକଗୁଡ଼ା ଅନନ୍ତାକୁ ଦେଖି-ପାରନ୍ତି ନାହିଁ । କିଏ କହିଲା – 'ମୋ ବାଡ଼ିରୁ କାକୁଡ଼ି ଖାଇଗଲା' , କିଏ କହିଲା – 'ମକା ଭାଙ୍ଗି ନେଲା' , 'ଆମ୍ବ, କୟାଁ, କୋଳିଗଛରେ ଚଢ଼ି ଅନନ୍ତା ଖାଇଗଲା' ବୋଲି ଗାଁ ଲୋକମାନେ ରୋଜି ସିଂହାଣୀ ପାଖରେ ଗୁହାରି କଲେ । ସିଂହାଣୀ ମନ ମଧ୍ୟରେ ଗୁହାରିଆମାନଙ୍କ ଉପରେ ରାଗେ, ହେଲେ ପୁଅକୁ କିଛି କୁହେ ନାହିଁ । ଆଜିକାଲି ବି ସଞ୍ଜବେଳେ ଘଡ଼ିଏ ବସି ପୁଅକୁ ଗେଲ କରେ । ଶେଷରେ ସିଂହାଣୀ ବଡ଼ ଦିଗ୍‌ଦାର ହୋଇ ଗାଁରୁ ଆସୁଛି, ବାଟରେ ଦେଖିଲା ବଉଳ ଗଛ ମୂଳରେ ପିଣ୍ଡିଟି ଉପରେ ବୈଷ୍ଣବ ମହାନ୍ତି ଅବଧାନେ ବେତ ଘେନି ଗାଁ ପିଲାମାନଙ୍କୁ ପାଠ ପଢ଼ାଉଛନ୍ତି । ମନରେ କଲା, ଏହି ଚାଟଶାଳୀରେ ଅନ୍ତୁକୁ ବସାଇଦେଲେ ପାଠ ବି ହେବ ଆଉ ଗାଁ ବି ବୁଲିପାରିବ ନାହିଁ । ତହିଁଆର-ଦିନ ଅବଧାନ ପାଖରେ ଛାଡ଼ିଦେଇ କହିଲା, "ଅବଧାନେ ! ଅନ୍ତୁକୁ ଟିକିଏ ଭଲକରି ପାଠ ପଢ଼ାଅ ।" ଅନ୍ତୁ ଭଲ ପିଲାଟି ପରି ଚାଟଶାଳୀରେ ବସିଗଲା । ସେ ପୃଥିବୀରେ ଏକଲା ମା' କୁ ଡରେ, ଆଉ ମା' କଥା ମାନେ ।

ଅବଧାନେ ଭୂଇଁରେ ଅ, ଆ ଲେଖିଦେଲେ, ତା' ଉପରେ ଖଡ଼ି ମଡ଼ାଇବାକୁ କହିଦେଲେ । ତଳେ ହାତ ଚାଲିଛି, ହେଲେ ଉପରେ ବଉଳଗଛରେ କେଉଁଠି କୋଳି ଅଛି, କେଉଁଠି ପାଚିଛି, ଅନେଇ ଦେଖୁଥାଏ । ନଜର ପଡ଼ିଲେ ମାଙ୍କଡ଼ ପରି ହୁପ୍‌କରି ଚଢ଼ିଯାଇ କୋଳି ଆଣି ପାଟିରେ ପକାଇ ଲେଖିବାକୁ ବସିଯାଏ । ତାର ଗଛଚଢ଼ାରେ ଭାରି ଅଭ୍ୟାସ । ତା' ତେନ୍ତୁଳି ଗଛକୁ ମାଙ୍କଡ଼ ଆସିଲେ ଉପରକୁ ଉଠିଯାଇ ମାଙ୍କଡ଼ ଲାଙ୍ଗୁଡ଼ ଧରି ତଳେ କଚାଡ଼ି ମାରିପକାଏ । ଗଛଚଢ଼ାରେ ମାଙ୍କଡ଼ ତା' ସାଙ୍ଗରେ ପାରିବେ ନାହିଁ । ଏଣେ କେତେଟା ଦିନ ଭିତରେ ଅବଧାନେ ଅଥୟ ହୋଇଗଲେଣି । ତା' ଡରରେ ଚାଟଶାଳୀରୁ ଆଉ ଟିକିଏ ଗୋଡ଼ କାଢ଼ି ପାରୁନାହାନ୍ତି । ଟିକିଏ ଅବଧାନେ ପଛ କଲେ ଚାଟଶାଳିରେ ଭାରି ଗୋଟାଏ ଚହଳ ପଡ଼ିଯାଏ । କେ ପିଲାକୁ ପେଲିଦେଲା, କାହାକୁ ଧକ୍‌କା ମାରେ, କାହା ଗୋଡ଼ ଧରି ଟାଣିଲା, କାହାକୁ କଚାଡ଼ି ଦେଲା – ଏହିପରି ଲାଗେ । ଆଉ ପିଲେ ତାହାକୁ ବାଡ଼େଇଲେ ତା' ର ଭାରି ଆନନ୍ଦ, ସେ କାହାରିକୁ ବାଡ଼ାଏ ନାହିଁ; ହେଲେ ତାକୁ ଡରରେ ବାଡ଼ଉଛି କିଏ ? ଅବଧାନେ ପହିଲେ ପହିଲେ ସିଂହାଣୀର ଡର, ଆଉ ସେ ଦହି ବିକିସାରି ବାହୁଡ଼ାବେଳେ ଅବଧାନଙ୍କ କଂସାରେ ଯେ ଚାରି ସଢ଼େଇ ଚଲ୍‌ହା ଢାଳି ଦେଇଯାଏ, ତେତିକି ଲୋଭରେ ଅନନ୍ତାକୁ କିଛି କହୁଥିଲେ ନାହିଁ । ମଣିଷ ଡର ଓ ଲୋଭରେ ଢେର୍ ଢେର୍ କାର୍ଯ୍ୟରୁ ନିବୃତ୍ତ ହୁଏ, ଆଉ ସମ୍ଭାଳି ପାରିଲେ ନାହିଁ । ଧରିଲେ ବେତ । ପହିଲେ ଦି' ପାହାର, ଚାରି ପାହାର, ଛ' ପାହାର ପଟାପଟ୍ କରି ପିଟିଲେ । ହେଲେ ଅନ୍ତା ସେଥିକି ଅନାଇବାକୁ ନାହିଁ । ଅବଧାନେ ପିଟିଲାବେଳେ ବଉଳକୋଳିକୁ ଅନାଇଥାଏ; କେବେ କେବେ ମାଡ଼ ଜାଗାଟା ଆଉଁଶିଦିଏ । ଆଉ ବାଟଟୋକାଏ କହନ୍ତି, "ମହାଦେବର ବେଲପତ୍ରୀ ଊଣା, ଅନନ୍ତର ମାଡ଼ର ଊଣା ନାହିଁ ।" ଚାଟଶାଳୀରେ ଏତେ ଯେ ମାଡ଼ ତା' ମା' ହେଲେ କିଛି ଜାଣିପାରେ ନାହିଁ । ଅନ୍ତା ସବୁ ଭୁଲିଯାଏ । ଚାଟଶାଳୀରୁ ବାହାରିବାବେଳେ ସେ ମାଡ଼ କଥା ତାର ମନେ ଥାଏ ନାହିଁ । ଏଇ ରକମ ଚାରିମାସ ଗଲା, ପଞ୍ଚମାସ ବି ଗଲା, ଅନନ୍ତା ଅ ଅକ୍ଷରଟା ଲେଖିସାରି ଆ ମଡ଼ାଉଛି । କେତେ ଖଣ୍ଡ ବେତ ଛିଡ଼ିଗଲାଣି, ଅବଧାନେ ଆଉ ପାରୁନାହାନ୍ତି । ତାକୁ ବାହାର ବି କରିଦେଇ ପାରୁନାହାନ୍ତି, ଚଲହା ମନ୍ଦାକ ବନ୍ଦ ହୋଇଯିବ ଯେ

! ଦିନେ ଅବଧାନେ ଆଉ ପାରିଲେ ନାହିଁ । ବେତ ଫୋପାଡ଼ି ଦେଇ ଦି' ଚାରିଖଣ୍ଡ ବିଛୁଆତି ଛଡ଼ି ଆଣିଲେ – ଗୋଡ଼ରେ, ହାତରେ, ପିଠିରେ ଦଶ କୋଡ଼ିଏ ପାହାର କଷିଦେଲେ । ସେହିଦିନ ଅନନ୍ତକୁ ଟିକିଏ ବାଧିଲା । ହେଲେ ଆଖିରୁ ପାଣି ପଡ଼ି ନାହିଁ । ଚାଟଟୋକାଙ୍କ ଆଗରେ କହିଲା, "ଶଳା ମାହାନ୍ତିକି ମୁଁ ଦେଖିବି ।" ତହିଁ ଆରଦିନ କ' ଣ ହେଲା କି ଅନ୍ତା ଏକଧ୍ୟାନରେ ଅକ୍ଷର ମଡ଼ାଉଛି, କାହାକୁ ଅନେଇବାକୁ ନାହିଁ, ଭାରି ଭଲ ପିଲାଟିଏ । ଅବଧାନେ ଟେରେଇ ଟେରେଇ ଦୁଇ ଚାରିଥର ତାକୁ ଅନାଇଲେଣି । ଭାରି ଖୁସି । ମନରେ କଲେ, ଏଡ଼େ ସୁନ୍ଦର ଉପାୟ ଥିଲା । ହାୟ ! ହାୟ ! ଆଗରୁ କ୍ୟାଁ ନ କଲି ?

ଦିନ ପହରକ ସମୟରେ ଅବଧାନଙ୍କୁ ପଦାଆଡ଼େ ତଲବ ହେଲା । ଡାକିଦେଲେ, "ଆରେ ! ନିଆଁ ଆଣରେ, ଧୂଆଁପତ୍ର ଆଣରେ, ନୋଟା ଆଣରେ ।" ପୁଞ୍ଜାଏ କି ଛ' ଟା ଚାଟଟୋକା ଧାଇଁଯାଇ ସବୁ ଠିକ୍ କରିଦେଲେ । ଅବଧାନଙ୍କର ସବୁ କାମ ପିଲାମାନେ କରନ୍ତି । ଅବଧାନଙ୍କର ଗୋଡ଼ଘଷା, ପାଲଟା ଲୁଗା କଚା, ସଙ୍କୁଡ଼ି ଧୁଆ, ବିଲକୁଲ କାମ ପିଲାମାନେ କରନ୍ତି । ଯେଡ଼େ ବଡ଼ଲୋକର ପୁଅ ହେଉ ପଛକେ, ଅବଧାନ ଗୋଡ଼ ଘଷିବ । ଗୁରୁଙ୍କ ଗୋଡ଼ ଘଷିଲେ ପାଠ ଆସେ । ଅବଧାନ ପିକାଟିଏ ଭଲକରି ମୋଡ଼ିଲେ – ନିଆଁଖୁଣ୍ଟାରେ ପିକାଟିଏ ଲଗେଇ ଦେଇ ଦି' କଳ ଭିଡ଼ିଲେ । ଫୁ କରି ଧୂଆଁ ଛାଡ଼ିଦେଇ କହିଲେ, "କିବେ ମୁକୁନ୍ଦା ! ଧୂଆଁ ଲାଗୁ ନାହିଁ ଯେ ?"

ମୁକୁନ୍ଦା କହିଲା – ମୁଁ କ' ଣ କରିବି ଅବଧାନେ ? ବାବା ତ କାଲି ହାଟରୁ ଏଇ ଧୂଆଁ ଆଣିଛି ।

ଅବଧାନେ – ବେ ବିନ୍ଦିଆ ! ତୋ ବାପ କଟକରୁ ଯେ ବାଲେଶ୍ୱରୀ ଧୂଆଁପତ୍ର ଆଣିଥିଲା, ତାକୁ ଆଉ ଆଣିଲୁ ନାହିଁ ତ ?

ବିନୋଦ – ମୁଁ କ' ଣ କରିବି ଅବଧାନେ, ମା' ତାକୁ ବିଡ଼ା ବାନ୍ଧି ଶିକା ଉପରେ ରଖିଦେଇଛି, ମୋ ହାତ ପାଇଲା ନାହିଁ ।

ଅବଧାନେ – ଆଚ୍ଛା, ତୁ ଗୋଟାଏ କାମ କରିବୁ । ତୋ ମାଆ ଯେତେବେଳେ ଗାଧୋଇ ଯାଇଥିବ କି ତୁ ଗୋଟାଏ ବଡ଼ ପାଛିଆ ଉଗାଡ଼ି ପକାଇବୁ, ତା ଉପରେ ଚଢ଼ି ଶିକାରୁ ଧୂଆଁପତ୍ର କାଢ଼ିବୁ । ସେଥିରୁ ଦୁଇ ଚାରି ଖଣ୍ଡ କାଢ଼ି ନେଇ ବିଡ଼ା ବାନ୍ଧି ଶିକାରେ ଥୋଇଦେବୁ । ଖବରଦାର ! ବେଶି ଗୁଡ଼ାଏ ଆଣିବୁ ନାହିଁ । କାଲି ସକାଳେ ଯଦି ନ ଆଣିବୁ ଅନାଇଥା ଏ ବେତକୁ । ଅବଧାନେ ଫେର୍ ଥରେ ଅନାଇଲେ । ଅନ୍ତୁ ଧୀରେ ବସି ଖୁବ୍ ମନଦେଇ ଅକ୍ଷର ବୁଲାଉଛି । ଅବଧାନଙ୍କର ଭାରି ଦୟା ହେଲା । କଅଁଳେଇ କହିଲେ "ରେ ବାପ ଅନ୍ତୁ ! ନେ' ତ – ଟୁକୁଣାଟା ନେଇ ଟୁକୁଣେ ପାଣି ଆଣ ତ, ବହିର୍ଦ୍ଦେଶ ଯିବୁଁ ।" ଅନ୍ତୁ ଭଲ ପିଲାଟି ପରି ଟୁକୁଣା ଧରି ପୋଖରୀକୁ ଜଳ ଆଣିବାକୁ ଗଲା । ଅବଧାନେ ବସି ପିକା ଟାଣୁଥାନ୍ତି । ଅନ୍ତୁ ଆସେ ନାହିଁ – ବଡ଼ ମଠ କଲା । ଅବଧାନେ ଆଉ ସହି ପାରିଲେ ନାହିଁ । ଦୁଇଥର ତିନିଥର ପୋଖରୀ ତୁଠ ଆଡ଼କୁ ଅନାଇଲେଣି । ସେଠାରୁ ଉଠି ପିକା ଭିଡ଼ିଭିଡ଼ି ତୋଠ ଆଡ଼କୁ ଚାଲିଲେ । ଅନ୍ତୁ ଟୁକୁଣାଟି ଧରି ଆଡ଼ି ଉହାଡ଼ରେ ଲୁଚିପଡ଼ି ଅବଧାନକୁ ଅନାଉଥିଲା, ଆସୁଥିଲା ନାହିଁ । ଅବଧାନ ଉପରେ ଯେମିତି ନଜର ପଡ଼ିଛି, ଧୀରେ ଧୀରେ ପାଖକୁ ଚାଲି ଆସିଲା । ଅବଧାନଙ୍କ ହାତକୁ ଟୁକୁଣାଟି ଏମିତି ବଢ଼ାଇ ଦେଲା, ଯେମିତି କି ଟୁକୁଣାର ପାଣିକୁ ଅବଧାନଙ୍କର ନଜର ନ ପଡ଼େ । ଅବଧାନେ ଡେବିରି ହାତ ପଞ୍ଚଆଙ୍ଗୁଳିରେ ଟୁକୁଣା ଫନ୍ଦଟି ଧରି ଡାହାଣ ହାତରେ ପିକା ଭିଡ଼ି ଭିଡ଼ି ଗାଁ ଶେଷମୁଣ୍ଡ ଗହୀର ବିଲକୁ ବହିର୍ଦ୍ଦେଶ ଗଲେ । ଅଧଘଣ୍ଟାଏ ହୋଇ ନାହିଁ, ଅବଧାନେ ତ ବିଲରୁ ଚାରି ଚାରି ହାତ ଚିଲାମାରି ରଡ଼ି ଛାଡ଼ି ଧାଇଁଛନ୍ତି । ଲୁଚା କେଉଁଠି ପଡ଼ିଲାଣି । ଲୁଗା ଖଣ୍ଡ ପଡ଼ିଥାନ୍ତା, ହାତରେ ଜାବୁଡ଼ି ଧରିଛନ୍ତି, ହେଲେ ଅଧା ଲଙ୍ଗଳା, "ରେ ଅଳପାଇସିଆରେ ! ରେ ସର୍ବନାଶିଆ ଅନ୍ତାରେ ! ମାରି ପକାଇଲାରେ ।" ଯେମିତି ଚାଟଶାଳୀରେ ପହୁଞ୍ଚିଗଲେ, ଧରିଲେ ବେତ – "କାହିଁ ଅନ୍ତା ?" ଆଉ ଅନ୍ତା ! ଅନ୍ତା ଅନ୍ତର୍ଦ୍ଧାନ ।

ଅବଧାନେ ଚାଟଶାଳୀର ଏମୁଣ୍ଡରୁ ସେମୁଣ୍ଡ ଗଡ଼ାଗଡ଼ି କରୁଛନ୍ତି, ପାଣି ପାଣି ରଡ଼ି ଛାଡ଼ିଲେ । ଗୋଟିଏ ପିଲା ଧାଇଁଯାଇ ତାଙ୍କ ରୋଷେଇଘର ମାଠିଆରୁ କଂସାଏ ପାଣି ଆଣି ଦେଲା । ସେହି ପାଣିରେ ହାତଧୋଇ ପକାଇ ଯେମିତି

ଗୋଟାଏ କୁଳକୁଞ୍ଚା କରିଛନ୍ତି, କଂସା ଖଣ୍ଡ ପାଞ୍ଚହାତ ଦୂରକୁ ଫୋପାଡ଼ି ଦେଇ 'ବୋପାଲୋ ! ମା ଲୋ' ବୋଲି କହି ଗଡ଼ିଲେ । ଆଉ ରଡ଼ି କରିପାରୁ ନାହାନ୍ତି, ଖାଲି ଗଁ ଗଁ ଗର୍ଜୁଛନ୍ତି । ମୁହଁଟା ଭାରି ଫୁଲିଗଲାଣି । ଆଖିପତା ଫୁଲିଯାଇ ମାଡ଼ିପଡ଼ିଲାଣି – ଆଖିକୁ ଦିଶୁ ନାହିଁ । ଗାଁ ଲୋକ ଉଜାଡ଼ି ପଡ଼ିଲେ । 'କଣ ହେଲା, କଣ ହେଲା' କହି ଦି' ଚାରି ଜଣ ଅବଧାନଙ୍କୁ ଧରି ପାଣିରେ ପକାଇଲେ । ସଞ୍ଜବେଳେ ସରିକି ଅବଧାନଙ୍କୁ ବଡ଼ ଶୀତ ଲାଗିଲା । ପାଣିରୁ ଛାଙ୍କି ଆଣି ପାଏ ଖସାତେଲ ଅବଧାନଙ୍କ ଦେହଯାକ ଘଷିଲେ । ତେତେବେଳେ ଅବଧାନଙ୍କ ପାଟିରୁ କଥା ବାହାରିଲା । ହେଲେ, ମୁହଁଟା ଆଟିକା ପରି ଫୁଲିଯାଇଛି । ଭଲକରି କଥା କହିପାରୁ ନାହାନ୍ତି । ଅବଧାନେ ଜଣାଇଲେ, 'ଭାରି ଭୋକ ।' ଆଉ ତ କିଛି ଖାଇପାରିବେ ନାହିଁ । ଗାଁ ଲୋକେ ଅଧସେରଟାଏ ଗରମ ଦୁଧ ଆଣିଦେଲେ । ଢୋକେ ଢୋକେ କରି ତେତକ ପିଇ ଦେଇ ଅବଧାନେ ଟିକିଏ ସାଷ୍ଟମ ହୋଇ ବସିଲେ । ଥଣ୍ଡା ପଡ଼ିଗଲା – ଖସାତେଲରେ ବାଇଡଙ୍କ ବିଷ ହରେ । ଅବଧାନେ ଟିକିଏ ସାଷ୍ଟମ ହେଲେଣି । ଗାଁର ସବୁ ଲୋକେ ଜମା ହୋଇଥିଲେ । ପୁରୁଣା ପୁରୁଣା ପାଞ୍ଚଜଣ ଲୋକ ତନଖି କରିବାକୁ ବସିଗଲେ । 'କଥା କ' ଣ ? – କିଆଁ ଅବଧାନେ ଏପରି ହେଲେ ?' ପ୍ରତ୍ୟକ୍ଷ ଏବଂ ପାର୍ଶ୍ୱବର୍ତ୍ତୀ ପ୍ରମାଣ ଏବଂ ଅବଧାନଙ୍କର ପୂର୍ବ ବ୍ୟବହାର ଆଲୋଚନା କରିବାରେ ସାଫ୍ ଜଣାଗଲା, ଏଟା ରାଣ୍ଡୀପୁଅ ଅନ୍ତାର କାମ । ସାଫ୍ ପ୍ରକାଶ ପାଇଲା କି, ଅବଧାନେ ଯେ ବିଛୁଆତି ଛଡ଼ିରେ ପିଟିଥିଲେ, ତା ମନରେ ଥିଲା ରାଗ । ଆଜି ସକାଳେ ଯିମିତି ଅବଧାନେ ଟୁକୁଣାଏ ପାଣି ଆଣିବାକୁ କହିଲେ ସେ ପୋଖରୀକୁ ଟୁକୁଣା ଘେନିଯାଇ ଅଧଟୁ-କୁଣେ ଅଠାଳିଆ କାଦ ଭର୍ତ୍ତି କଲା । ଲୋକେ ଦେଖିଛନ୍ତି ପୋଖରୀ ଆଡ଼ି ବଣ ଉପରେ ଯେ ବାଇଡଙ୍କ ଲତା ମାଡ଼ିଛି ସେଥିରୁ ଦୁଇପୁଞ୍ଜା ଫଳ ଆଣି ଖପରକାତି ଖଣ୍ଡକରେ ଆଁଶୁ ଚାଞ୍ଛିଛି । ଟୁକୁଣାରେ ଅଧେ ଆଁଶୁ ମିଶାଇ ଦେଇ ଆଉ ଗୁଡ଼ାଏ ପତ୍ର ଖଣ୍ଡରେ ପୋଟଳା କରି ଅଣ୍ଟିରେ ଖୋଷିଥିଲା । ଅବଧାନେ ଯେମିତି ପଦାଆଡ଼େ ଯାଇଛନ୍ତି ତାଙ୍କ ରନ୍ଧାଘରେ ଯେଉଁ ପାଣି କୁମ୍ଭେ ଥିଲା ସେଥିରେ ମିଶାଇ ଦେଇ ପଳାଇ ଯାଇଛି । ଅବଧାନଙ୍କ ମନରେ ତ ଥିଲା ରାଗ । ବେତ ଧରି ଉଠିପଡ଼ିଲେ, "ମୁଁ ଆଜି ରାଣ୍ଡୀପୁଅ ଅନ୍ତାକୁ ଦେଖିବି ।" ବାହାରିଲେ ଅନ୍ତା ଦୁଆରକୁ । ଗାଁଲୋକେ ସମସ୍ତେ ମନା କରୁଛନ୍ତି – ରାଗବେଳେ ମଣିଷର ଥାନ-ଜ୍ଞାନ ଥାଏ ନାହିଁ । ଖଣ୍ଡେ ବାଟରୁ ଡାକୁଛନ୍ତି, "ଲୋ ଦେବକୀ ଗଉଡୁଣୀ ! ଲୋ ଦେବକୀ ଗଉଡୁଣୀ ! ସେ ରାଣ୍ଡୀପୁଅ ଅନ୍ତା ଅଳପାଇସିଆ କାହିଁ ?" ସିଂହାଣୀ ସେତେବେଳେକୁ ସବୁ କଥା ଶୁଣିଲେଣି । ପୁଅକୁ ଘର ଭିତରେ ଲୁଚାଇ ଦେଇ ଦାଣ୍ଡପିଣ୍ଡାରେ ବସିଥିଲେ । ଅବଧାନ କଥା ଯେମିତି ପଡ଼ିଛି, ଘରଭିତରୁ ବାହାର କଲେ ସେଇ ମଇଁଷିମୁଣା ଠେଙ୍ଗା । କୁହାଟଟାଏ ମାରି ଡାକିଦେଲେ, ଆରେ ଅଳପାଇସିଆ ! ମାହାନ୍ତି ଗୋଲାମ୍ ! ଡାକୁଣୀଖିଆ ନଈସୁଆ । ମୋ ଗିରସ୍ତ ଥିଲା ସାଇବ ଘର ଜମାଦାର – ମୁଁ ସିଂହାଣୀ – ମୋତେ କହିବୁ ଦେବକୀ ଗଉଡୁଣୀ ? ମୋ ପୁଅକୁ କହିବୁ ଅଳପାଇସିଆ ? କିରେ ତୋତେ କିସ ଲାଗିଲାଣି କି ? ରହ ତ ମାହାନ୍ତି ଟୋକାକୁ ଦେଖେଁ ।" ସିଂହାଣୀ ମୁଣ୍ଡରେ ଲୁଗା ନାହିଁ– ଡେମ୍ଫେ ଡେମ୍ଫେ କେତେକେରା କଞ୍ଚା ପାକଲା ବାଳ ଫରଫର ଉଡୁଛି । କାନ୍ଧରେ ଠେଙ୍ଗା । ସେହି ବିକଟାଳ ରଡ଼ି ଶୁଣି ଅବଧାନଙ୍କର ତ ପିଳେହିପାଣି ହେଲାଣି । ସିଂହାଣୀର ଦେହବଳ ଅବଧାନଙ୍କୁ ଭଲ ଜଣା । ଦିନେ କଣ ହେଲା କି, ସକାଳ ଓଳିଆ ସିଂହାଣୀ ଗାଁକୁ ନଈବନ୍ଧ ଉପରବାଟେ ଦହି ବିକି ଯାଉଛି । ତେତିକିବେଳେ ବିନୋଦବିହାରୀ ମନ୍ଦିର ମାରଣା ଷଣ୍ଢଟା ବିନ୍ଧିବାକୁ ତଡ଼ି ଆସିଲା । ସିଂହାଣୀ ଗୁମ୍ କରି ଛିଡ଼ାହୋଇଯାଇ ଧଇଲା ଷଣ୍ଢ ଶିଙ୍ଗ । ମୁଣ୍ଡ ଉପରେ ପସରାରେ ତିନି ମାଠିଆ ଘୋଳ, ତାକୁ ଧରିବାକୁ ନାହିଁ । ଷଣ୍ଢ ଶିଙ୍ଗ ଧରି କଡ଼େଇ କଡ଼େଇ ବନ୍ଧଧାରକୁ ଘେନିଗଲା । ଯେମିତି ପେଲିଦେଇ ଶିଙ୍ଗ ଛାଡ଼ି ଦେଇଛି, ଷଣ୍ଢ ତ ପୁଟୁଳି ପରି ଗଡ଼ି ଗଡ଼ି ଯାଇ ନଈ ଭିତରେ ପଡ଼ିଲା । ସେହି ଦିନକରୁ ଷଣ୍ଢ ଛୋଟା, ମାରଣାପଣିଆ ବି ଛାଡ଼ିଲାଣି । ଏଟା ଅବଧାନଙ୍କ ଆଖି ଦେଖିବା କଥା । ଭୟରେ ଅବଧାନଙ୍କ ପଳାୟନ । ବାଘୁଣୀ ମୃଗକୁ ଗୋଡ଼ାଇଲେ ସେ ଯେମିତି ପଳାଏ, ଅବଧାନେ ସେହିପରି ପଡ଼ି ଉଠି ଧାଇଁଛନ୍ତି । ଆଣ୍ଠୁଗଣ୍ଠି ଛିଡ଼ି ଝର୍ ଝର୍ ରକ୍ତ ବହୁଛି । ସିଂହାଣୀ କାନ୍ଧରେ ଠେଙ୍ଗା, ଭାଲୁକାଣୀ ପରିଅବଧାନ ପଛରେ ଧପ୍ ଧପ୍ କରି ଧାଇଁଛନ୍ତି । ଧାଇଁବାବେଳେ ସେହି ବିଶାଳ ପେଟଟି ଦଲ୍ ଦଲ୍ ଶୁଭୁଛି । ହାତରେ ସେ ପିତଳବାହି ବଳାଗୁଡ଼ାକ ପାଏ ବାଟ ଯାଏ ଝମ୍ ଝମ୍ ଶୁଭୁଛି । ସିଂହାଣୀର ସେହି ରଡ଼ିରେ ଗାଁ କମ୍ପିଯାଉଛି । ଅବଧାନେ ଗାଁ ମଝିରେ କେଉଁଠି ଅନ୍ଧାରରେ ମିଶିଗଲେ । ସିଂହାଣୀ

ଡାକିଦେଲା, "ଆରେ କାଠଖିଆ ମାହାନ୍ତି ଗୋଲାମ ! ମୋ ପୁଅକୁ କୁଆଡ଼େ ଲୁଚାଇଛୁ ଆଣି ଦେ । ଜାଣିଥା, କାଲି ସକାଳେ ପିତଳବାହିରେ ତୋ ମୁଣ୍ଡ ଚୂନା କରିବି ।" ହେଲେ ଅବଧାନଙ୍କୁ ତହିଁ ଆରଦିନ ସକାଳଠାରୁ କେହି କେବେ ସେ ଗାଁରେ ଆଉ ଦେଖି ନାହିଁ ।

ଆହୁରି ବି ପାଞ୍ଚ ଛ' ବରଷ ଗଲାଣି, ଅନନ୍ତା ଲାଗି ଗାଁର ଅନେକ ଲୋକ ଅସ୍ଥିର । ତାର ଆଉ କିଛି ଅତ୍ୟାଚାର ନାହିଁ । ଖାଲି କାହାରି ବାଡ଼ିରେ ମକା, କାକୁଡ଼ି, କୋଳି, ଆମ୍ବ, ବେଲ କିଛି ରହିବ ନାହିଁ, ଆଉ ସୁନା ରୁପା ପଡ଼ିଥାଉ, ଅନାଇବ ନାହିଁ । ହେଲେ ସେ ଯେପରି ଉତ୍‌ପାତିଆ, ସେହିପରି ବି ଭଲଲୋକ । ତାକୁ ରଗେଇଲେ ରକ୍ଷା ନାହିଁ । ସେ ଆଗେ ଦୁସ୍‌ମନ ଘରର ଖୁମ୍ବ ଆଉ କପାଟ ଭାଙ୍ଗେ । ମା' ମନା କରିଛି କାହାରି ଦେହରେ ହାତ ଦିଏ ନାହିଁ । ଏଣେ ସାକୁଲା ସୁକୁଲି ଟେକାଟେକି କରି ତାକୁ ଦି' କଥା କୁହ, ତୁମ ଗୁହ କାଢ଼ିବ । କାହାରି ବାଡ଼ି ହଣା ଯାଉଛି ଅନ୍ତା ସେଠି ଦେଖୁଥିଲା – ତାକୁ ଯଦି କହିବ, "ବାପ ଅନ୍ତୁ ! ତୁ ନ ହେଲେ କାହାରି ଗାଁ ଚଳିବ ?" ଆଉ କିଛି କଥା ନାହିଁ, ଧଇଲା କୋଡ଼ି । ଚାରିଜଣ ମଣିଷେ ଦିନକେ ଯାହା ପାରିବେ ନାହିଁ ପହରକ ଭିତରେ ଫୁଟେ ଗହୀରାରେ ବାଡ଼ିଟାକୁ ତାଡ଼ି ପକାଇବ । ମୂଲିଆ ମିଳୁ ନାହିଁ, କାହା ଘର ଛପରବନ୍ଦି ହୋଇପାରିଲା ନାହିଁ, ଧଇଲା ଅନ୍ତାକୁ – ସାକୁଲା ସାକୁଲି କରି କହିଲେ; ଦିନେ ଲାଗୁ ଦି' ଦିନ ଲାଗୁ, ସେ ଏକଲା ଗୋଟାଏ ଘର ଛାଇ ପକାଇବ । ରାମା ଭିଣାର ବାପ ମରି ଘରେ ପଡ଼ିଛି । ବାଡ଼ିରେ ମରିଛି ବୋଲି ତାକୁ କେହି ଉଠାଇବାକୁ ଆସିଲେ ନାହିଁ । ଅନ୍ତୁ ରାତି ଛ' ଘଡ଼ି ବେଳେ ଗାଁ ପାଖ ଦେଇ ଯାଉଥିଲା, ତାକୁ ସବୁ କହିଲା । ଆଉ କିଛି କଥା ନାହିଁ; ଏକଲା ହେଁସମିଶା କରି ମଡ଼ାକୁ କାନ୍ଧେଇଲା । ଅନ୍ଧାର ରାତି ସେହି ସମୟରେ ବି ଗାଁରେ ବାଡ଼ି ପଡ଼ିଛି । ଅଧକୋଶେ ଦୂରରେ ମଡ଼ାମଶାଣିରେ ମଡ଼ାଟାକୁ ଫୋପାଡ଼ି ଦେଇ ନଈରେ ବୁଡ଼ିପଡ଼ି ବାହାରି ଅଇଲା । ଅନ୍ତା ବାଘ, ଭାଲୁ, ଭୂତ, ପ୍ରେତ, ସାପ, ବେଙ୍ଗ କାହାକୁ ଡରେ ନାହିଁ । ଅନ୍ତା ଲୋକଙ୍କ ବାଡ଼ିରୁ ଫଳକନ୍ଦ ଲୁଟାପାଟି ଖାଇବ; ହେଲେ ତାକୁ କିଛି ଖାଇବାକୁ ଯାଚ, ରାଗି ଘର ଦୁଆର ଭାଙ୍ଗିବ । ବିନ୍ଦିଆ ଚନ୍ଦ ଜଣେ ତନ୍ତି ମହାଜନ । ଆଠ ଦଶ ହଜାର ଗଣିଦେବା ଲୋକ । ଲୁଗା କାରବାର କରେ । ଗୋଟାଏ ବଡ଼ ଦୋକାନଘର ତିଆରି କରୁଛି । ଚାରିଆଡ଼େ ଖୁଣ୍ଟ ପଡ଼ି ଚଉକ ବୁଲିଗଲାଣି । ମଝି ଖମ୍ବ ଯୋଡ଼ାକ ଅଠର ହାତି । ଭାରି ମୋଟା ଶାଳଗଅଳ । ଦଶଜଣ ଲୋକ କସ୍ତାକସ୍ତି କରି ମଝି ଖମ୍ବ ଛିଡ଼ା କରିପାରୁ ନାହାନ୍ତି । ଜଣେ ହସି କହିଲା, "ଆମେ ଏତେ ପାରୁ ନାହୁଁ, ରାଣ୍ଡୀପୁଅ ଅନ୍ତା ହେଲେ ଏକଲା ଖମ୍ବଯୋଡ଼ାକ ଉଠାଇ ଛିଡ଼ା କରିଦିଅନ୍ତା ।" ଘଟଣା ଦେଖ ତେତିକିବେଳେ ଅନ୍ତାଦାଣ୍ଡରେ ଯାଉଥିଲା । ବିନ୍ଦିଆ ତନ୍ତୀ ଡାକିଦେଲା, "ଆରେ ଅନ୍ତା ! ଏ ଯୋଡ଼ାକ ଖମ୍ବ ଉଠାଇ ଦେ, ତୋତେ ଦି' ଟଙ୍କା ଖଜାଖିଆ ଦେବି ।" ଆଉ ଯାଏ କାହିଁ ? "ହଁ ରେ ଶଳା ତନ୍ତୀ ! ମୁଁ ତୋର ଗୁଲାମ ? ତୋର ମୂଲ ଲାଗିବି ?" ଧାଇଁଲା ମାରିବାକୁ । ତନ୍ତୀ ତ ଡରରେ କୁଆଡ଼େ ପଳାଇଗଲାଣି । ଦଶଜଣ ଲୋକ କୋଡ଼ିଏ ଦିନ କାମ କରି ଯେତେ ଖମ୍ବ ପୋତି ଛିଡ଼ା କରାଇଥିଲେ, ସବୁଗୁଡ଼ାକ ଘଣ୍ଟାକ ଭିତରେ ଉପାଡ଼ି ପକାଇଲା । ହେଲେ ଜଣାଶୁଣା ଲୋକେ ଅନ୍ତାଠାରୁ ଢେର୍ କାମ କରେଇ ନିଅନ୍ତି । ରୋଜି କାହାରି ହେଲେ କିଛି ପାଇଟି କରିଦେଇ ଆସେ । ବିନ୍ଦିଆ ତନ୍ତୀ ଗାଁର ଭଲଲୋକ ପାଖରେ ଅନନ୍ତା ନାମରେ ଗୁହାରି କରି ଓଲଟା ଗାଳି ଶୁଣିଲା ।

ବିନୋଦରାୟପୁର ଭାର୍ଗବୀ ନଦୀର ଉତ୍ତର କୂଳରେ । ନଦୀ ଗର୍ଭଠାରୁ ଗାଁଟା ଅତି ଅଳ୍ପ ଉଞ୍ଚା । ବଢ଼ିପାଣିରୁ ଗାଁ ରକ୍ଷା ନିମନ୍ତେ ସରକାରବାହାଦୁର ଗୋପାଳପୁର କତିରୁ ରାମନଗର ଯାଏ ଅଠର ମାଇଲ ଲମ୍ବା କୋଡ଼ିଏ ହାତ ଓସାର ଦଶ ହାତ ଉଞ୍ଚା ଗୋଟାଏ କୂଳବନ୍ଧ ପକେଇଛନ୍ତି । ସେ ବନ୍ଧ ଯୋଗୁଁ ନଈକୂଳିଆ ଢେର୍ ଗାଁ ଆଉ ବିଲବାଡ଼ି ରକ୍ଷାପାଏ । ବିନୋଦରାୟପୁର ଗୋଟିଏ ବଡ଼ ଧନବନ୍ତ ଗାଁ । ଗାଁ ତଳେ କଳିନ୍ଦ ବିଲ ଢେର୍ । ଗାଁରେ ପ୍ରାୟ ଦୁଇଶ ଘର ବସ୍ତି । ସମସ୍ତେ ଥିଲାଲୋକ । କେହି କାହାକୁ ଆଦୁର୍ଯ୍ୟା ହୁଏ ନାହିଁ । ସରକାରୀ ବଡ଼ ବଡ଼ ଅମଲା, ଇସ୍କୁଲ ମାଷ୍ଟର, କାରବାରିଆ ମହାଜନ, କଲିକତିଆ ଚାକିରିଆ ଢେର୍ ।

ଅଶିଣ ମାସ ଦୁର୍ଗାପୂଜା ସମୟ । ବିଦେଶିଆ ସବୁ ଘରକୁ ଆସିଛନ୍ତି । ନାଚ ତାମସା ଖିଆପିଆ ଦିନ ରାତି ଲାଗିଛି । ଗାଁଟା ଆନନ୍ଦରେ ଭାସୁଛି । ଫି ବର୍ଷ ଏହି ସମୟରେ ଗାଁଟାରେ ବଡ଼ ଜାରି ହୁଏ, ଷଷ୍ଠୀ ବେଲବରଣ । ସଖାଳିଆ ଉତ୍ତର ଦିଗରୁ ଖଣ୍ଡେ ମେଘ ଦେଖାଗଲା । ସୂର୍ଯ୍ୟ ଉଇଁ ମେଘରେ ବୁଡ଼ିଗଲେ । ମେଘଟା ଦେଖୁଁ ଦେଖୁଁ ଆକାଶଯାକ ଘୋଟିଗଲା । ସାଙ୍ଗେ ସାଙ୍ଗେ ପବନ । ବୁଢ଼ା ଗୋବିନ୍ଦ ପଣ୍ଡେ କହିଲେ, ଆରେ ବାପ, ଡାକରଷି କହିଛନ୍ତି –

"ହସି ପଶେ – ଉଇଁ ନ ଦିଶେ
ବାପା ବୋଇଲେ ପୁତା, ନିଶ୍ଚେ ବରଷେ ।"

ଆଜି ଜାଗ୍ରତ ଥାଅ, ନିଶ୍ଚେ ବର୍ଷା ହେବ । ପଣ୍ଡାଙ୍କ ମୁହଁ କଥା ମୁହଁରେ ଅଛି – ଟପ୍ ଟପ୍ ଟପର ଟପର କରି ପକାଇଲା ପାଣି; ଯେ ବର୍ଷୁଛି ସେହି ବର୍ଷୁଛି । ଷଷ୍ଠୀ, ସପ୍ତମୀ, ଅଷ୍ଟମୀ, ନବମୀ ସଞ୍ଜ ହେଲା । ପାଣି ଛାଡ଼ିବାକୁ ନାହିଁ, ଯେଠିକା ମଣିଷ ସେଇଠି ବସିଛନ୍ତି । ଶଏବର୍ଷର ବୁଢ଼ାମାନେ କହୁଛନ୍ତି, ଏପରି ବର୍ଷା କେବେ ଦେଖା ନ ଥିଲା । ଗାଁରୁ ପା' ଭାଗ ଘରର କାନ୍ଥ ଧୁପ୍‌ଧାପ କରି ପଡ଼ିଗଲାଣି, ଦିନ ରାତି ପାଣି ପବନ ଖାଉଛନ୍ତି । ଦଶରା ଦିନ ଯେମିତି ରାତିପାହିଛି 'ଗାଁ ଗଲା, ଗାଁ ଗଲା, ଗାଁ ଗଲା' ଚହଳ ପଡ଼ିଗଲା । ଆଉ କଣ ଲୋକେ ଘରେ ରହିବେ । ପାଛିଆ, କୁଡ଼େଇ ଘେନି ବନ୍ଧକୁ ଧାଇଁଛନ୍ତି । ବଡ଼ ସାନ ବିଚାର ନାହିଁ । ବ୍ରାହ୍ମଣ ପାଣ ଛୁଆଁଛୁଇଁ ହେଉଛନ୍ତି । ପାଛିଆ, କୋଡ଼ି ଧରି ସମସ୍ତେ ବନ୍ଧଉପରେ ହାଜର । ନଈ ଦକ୍ଷିଣ କୂଳକୁ ଅନାଇବା ବେଳେ ଗୋଟାଏ ସମୁଦ୍ର, ଆଉ କିଛି ନାହିଁ । ବଢ଼ିପାଣି ବନ୍ଧ କାନେକାନେ ନଈ ଭିତରରୁ ପାଞ୍ଚହାତ ଉଚ୍ଚ ଗୋଟାଏ ଗୋଟାଏ ଲହଡ଼ି ଆସି ଝଲକେ ଝଲକେ ପାଣି ବନ୍ଧ ଟପି ପଡ଼ୁଛି । ଯଉଁଠି ଝଲକେ ପାଣି ଟପି ପଡ଼ୁଛି, କେହି କାହାକୁ କହିବାକୁ ନାହିଁ – ଶହେ ବୋଝ ମାଟି ପଡ଼ିଯାଉଛି । ବନ୍ଧମୂଳଟା କୋରି ଗୋଟାଏ ଗୋଟାଏ ପୋଖରୀ କରି ପକେଇଲେଣି । ଆଉ ଏଣେ କ' ଣ ହେଲା କି, ଚାରିକୋଶ ତଳେ ରାମପୁର ମୁହାଣ ବାଟେ ପାଣି ବୁଲିଆସି ଗାଁ ମୂଳକୁ ଲାଗିଲାଣି । ଗାଁ ତଳ ଗହୀରଗୁଡ଼ାକ ସମୁଦ୍ରପରି ଜଳମୟ । ବନ୍ଧର ପାଣି ନ ଟପିଲେ ବି ତଳ ପାଣି ଆସି ଗାଁକୁ ଭସାଇ ନେବ । ପାଣିଟା ଯେମିତି ହୁ ହୁ କରି ବଢ଼ୁଛି – ଗାଁ ଭିତରେ ପାଣି ପଶିଲା ବୋଲି ଘରେ ଆଉ ରନ୍ଧାବଢ଼ା କ' ଣ ହେବ ? ତିର୍ଲାଗୁଡ଼ାକ ଘରୁ ବାହାରିଆସି ଶଙ୍ଖ ହୁଳହୁଳି ପକାଉଛନ୍ତି । ଗୁଡ଼ାଏ ତିର୍ଲା କଅଁଳା ଛୁଆଙ୍କୁ କାଖେଇ ରଡ଼ି କରୁଛନ୍ତି । ଶଙ୍ଖ, ହୁଳହୁଳି, ହରିବୋଲ, କାନ୍ଦଣାରେ ଗାଁଟା ଉଛୁଳି ପଡୁଛି । ସୂର୍ଯ୍ୟ ବୁଡ଼େ ବୁଡ଼େ । ଗାଧୁଆ ତୁଠବାଟେ ଗାଁକୁ ପଶିଲା ପାଣି । ଦେଖୁ ଦେଖୁ ପାଞ୍ଚହାତ ଗହୀର ହୋଇଗଲା । ଚଉଡ଼ାଟା ବି ବେଳକୁ ବେଳ ବଢ଼ିଯାଉଛି । ପିଚକାରି' ମୁହଁରୁ ପାଣି ବାହାରିଲା ପରି ବେଗରେ ପାଣି ଗାଁକୁ ଧାଉଁଛି । "ହରିବୋଲ ହରିବୋଲ – ଗଲା, ଗଲା" ଆଉ କିଛି କଥା ନାହିଁ । ଉଛୁଣି ସମୁଦ୍ରରେ ସମସ୍ତଙ୍କୁ ଜାକିଦେବ । ପାଣିସୁଅ ବନ୍ଦ ପାଇଁ ଶ' କୁ ଶ' ବୋଝ ମାଟି ପଡୁଛି; ମାତ୍ର ମୁଠାଏ ବି ରହୁ ନାହିଁ, ସୁଅ ଭସାଇ ନେଉଛି । ଏତେ ଯେ କାଣ୍ଡ – ଅନ୍ତାର ହେଲେ କାହିଁରେ ଚିନ୍ତା ନାହିଁ ! ସକାଳୁ ଭିଜି ଭିଜି ଗାଁର ଚାରିପିଠି ବୁଲୁଛି । ଲୋକମାନଙ୍କ ବାଡ଼ିରୁ ଗଛମିଶା ମକା କାକୁଡ଼ି ଭାସିଆସୁଛି, ତାହା ସବୁ କେବଳ ଅଣ୍ଟାରେ ପୂରାଉଛି । ଯେତେବେଳେ ଗାଧୁଆତୁଠ କତିରେ ଭାରି ହୁରି ପଡ଼ିଲା, ତେତେବେଳେ ହସି ହସି କ' ଣ ହେଉଛି ମଜା ଦେଖିବାପାଇଁ ଧାଇଁଲା । ଦେଖିଲା ଯେ ଗାଁକୁ ଗୋଟାଏ ଭାରି ପାଣି ସୁଅ ଧାଇଁଛି । ଶୁଣିଲା ଯେ ଗାଁ ଭାସିଯିବ । ଭଲକରି ଅନାଇ ଧାଇଁଲା ଗାଁ ଭିତରକୁ । ବିନୋଦବିହାରୀ ଠାକୁର ସିଂହଦୁଆର କବାଟଟା ପାଞ୍ଚହାତ ଉଞ୍ଚା ଚାରିହାତ ଚଉଡ଼ା । ତାକୁ କାଢ଼ି ପକେଇ ମୁଣ୍ଡାଇ ଧାଇଁଛି । ଦାଣ୍ଡପାଖରେ ପାର୍ବତୀ ମା' ର ମେଲାରେ ଗୋଟାଏ ଢେଙ୍କି ପଡ଼ିଛି, ତାକୁ ଜଣା । ଢେଙ୍କି କାଢ଼ି କାଖେଇଲା । ମୁହାଣରେ କପାଟଟାକୁ ଆଡ଼କରି ଠିଆ କରିଦେଇ ଢେଙ୍କିଟା ଠେକାଇ ଦେଲା । ଆଉ ପିଠି ଭିଡ଼ିଦେଇ କପାଟଟାକୁ ପେଲି ଧଇଲା । ତାହା ବାଦ ପାଟି କଲା, "ପକାଅ ମାଟି, ପକାଅ ମାଟି ।" କେବଳ ଡାକୁଛି, "ପକାଅ ମାଟି, ପକାଅ ମାଟି, ପକାଅ ମାଟି ।" କପାଟ ଦୁଇ ପାଖରୁ ଶ' ଶ' ମାଟି ଝୁପ୍‌ଝୁପ୍ ପଡୁଛି, ଅନ୍ତା ଛାତିଯାଏ ମାଟି ହେଲାଣି, ଡାକୁଛି ଅନନ୍ତା । ବେକ ପୋତି ଗଲାଣି; ସେଥିକି ତାର ନଜର ନାହିଁ । ଯେତେବେଳେ ଓଠ କତିରେ ମାଟି ପଡ଼ିଲା – ଦୁଇଥର ଡାକିଦେଲା, "ହରିବୋଲ ଦିଅ,

ମାଟି ପକାଅ । ହରିବୋଲ ଦିଅ, ମାଟି ପକାଅ ।"  ଆଉ ଅନ୍ତା ପାଟି ଶୁଭିଲା ନାହିଁ । ମାଟି ସେହିପରି ପଡୁଛି । ପାଣି ସୁଅଟା ବନ୍ଦ ହୋଇଗଲା । ଲୋକମାନଙ୍କର ଭରସା ହେଲା, ଟିକିଏ ନିଶ୍ୱାସ ପକାଇଲେ । ତେତେବେଳେ ଖୋଜିଲେ 'ଅନ୍ତା କାହିଁ ?' ଆଉ ଅନ୍ତା ? ତା' ମୁଣ୍ଡ ଉପରେ ଦି' ହାତ ମାଟି । ଡାକ ପଡ଼ିଲା – "ଧନ୍ୟ ଧନ୍ୟ ରାଣ୍ଡୀପୁଅ ଅନ୍ତା !" ପିଲା, ବୁଢ଼ା, ମାଇକିନିଆ, ମର୍ଦ ଗାଁର ହଜାର ହଜାର ଲୋକ ସମସ୍ତେ ହରିବୋଲ ଦେଉଛନ୍ତି, ସମସ୍ତେ କହୁଛନ୍ତି – "ଧନ୍ୟ ଧନ୍ୟ ରାଣ୍ଡୀପୁଅ ଅନ୍ତା !" ଦଇବ ଯୋଗେ କ' ଣ ହେଲାକି ବର୍ଷା ବନ୍ଦ ! ନଈରୁ ଫୁଟେ ପାଣି ଖସି ପଡ଼ିଲାଣି । ଅନ୍ତା ମା' ପିଣ୍ଡାରେ ବସିଥିଲା । ହୁରି ଆନନ୍ଦ ଶୁଣି କହିଲା, "କଣ ହେଲା ଦେଖେ । ପୁଅଟା ବି ଆସିଲା ନାହିଁ, ଡାକି ଆଣେ ।"  ତା ସ୍ୱାମୀର ଠେଙ୍ଗା କାନ୍ଧରେ ପକାଇଲା । ଘର କୁଆଟଟା କିଳିଦେଇ ବାହାରିଲା । ଯେମିତି ଦାଣ୍ଡରେ ଯାଉଛି – ଶୁଣିଲା ଯେ ସମସ୍ତେ କହୁଛନ୍ତି, "ଧନ୍ୟ ଧନ୍ୟ ଅନ୍ତା !" ସମସ୍ତେ ତା ଗୋଡ଼ତଳେ ପଡ଼ି କହୁଛନ୍ତି – "ଧନ୍ୟ ଧନ୍ୟ ତୋ ପୁଅ !" ସିଂହାଣୀ ସଳଖେ ସଳଖେ ତୁଠ କତିକି ଚାଲିଗଲା । ସବୁ ଶୁଣିଲା, କାହାକୁ କିଛି କହିଲା ନାହିଁ । ବନ୍ଧ ଚାରିପାଖ ବୁଲି ଦେଖିଲା । ବନ୍ଧ ମଝିକୁ ଅନେଇଛି, ଚାରିପାଖ ବୁଲୁଛି । ତୁଠ ମଝିକି ନଜର ଅଛି; ନଈ ଆଡ଼କୁ ପିଠି । ବନ୍ଧ ତଳେ ଯେ ଦଶହାତ ପାଣି ତାକୁ ତ ସେକଥା ଅଜଣା । ଯିମିତି ନଈ ଆଡ଼କୁ ବୁଲି ଯାଇଛି, ଧପାସ୍ କରି ଗୋଟାଏ ଶବ୍ଦ ହେଲା ! ହାଁ କ' ଣ ହେଲା, କହି ଲୋକମାନେ ଦି' ଟା ଚାରିଟା ମଶାଲ ଆଲୁଅ ନଈକୁ ଦେଖାଇଲେ । କୂଳଠାରୁ ପାଞ୍ଚହାତ ଦୂରରେ ପାଣି ଭିତରେ ଗୋଟାଏ ଗାତରେ ମେଞ୍ଚାଏ ଫେଣ ଭଉଁରୀଟିଏ ବୁଲୁଛି, ଦଶହାତ ତଳକୁ ଖଣ୍ଡିଏ ବାଉଁଶ ବାଡ଼ି ଭାସିଯାଉଛି ।